# ନବରଙ୍ଗପୁରରେ ୮୬% ପାସ୍ ହାର

ଉମରକୋଟ, ୬।୭(ସ୍ୱ.ପ୍ର.)

ପ୍ରକାଶ ପାଇଥିବା ଚଳିତ ବର୍ଷର ମାଟ୍ରିକ୍ ପରୀକ୍ଷାରେ ନବରଙ୍ଗପୁର ଜିଲାରେ ୮୬% ପାସ୍ ହାର ରହିଛି। ସେଥି ମଧ୍ୟରୁ ଏ-୧ରେ ୮୮ ଜଣ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ନବରଙ୍ଗପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଆକାଶ ଦାଶ ୯୫.୬୬% ନମ୍ବର ରଖି ଜିଲାରେ ପ୍ରଥମ ହୋଇଛନ୍ତି।

## ଆଇଏଏସ୍ ହୋଇ ଜିଲାର, ରାଜ୍ୟର ଟେକ ରଖିବି



ନବରଙ୍ଗପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଆକାଶ ଦାଶ ୫୭୪ (୯୫.୬୬%) ନମ୍ବର ପ୍ରତିଶତ ଜିଲାରେ ପ୍ରଥମ ହୋଇଛନ୍ତି। ସେ ନବରଙ୍ଗପୁର ସୌରସାହିର ଆଶୁତୋଷ ଦାଶ ଓ ଅଞ୍ଜଳିଙ୍କ ପୁଅ। ଜିଲା ଓ ରାଜ୍ୟର ଟେକ ରଖି ଆଇଏଏସ୍ ହେବାକୁ ଲକ୍ଷ୍ୟ ରଖିଛି ବୋଲି ଆକାଶ କହିଛନ୍ତି। ସେ ଏହି ସଫଳତାର ଶ୍ରେୟ ଗୁରୁମା, ଗୁରୁଜୀ ଓ ମାଆ ବାପାଙ୍କୁ ଜଣାଇଛନ୍ତି।

-ଆକାଶ ଦାଶ, ନବରଙ୍ଗପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର

### ଡାବୁଗାଁ ସରକାରୀ ବାଳିକା ହାଇସ୍କୁଲର ସବୁପିଲା ପାସ୍

ଡାବୁଗାଁ, (ଡି.ଏନ୍.ଏ.): ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ଜିଲା ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ଡାବୁଗାଁ ସରକାରୀ ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ମାସ୍ ହାର ଶତ ପ୍ରତିଶତ ରହିଛି। ଚଳିତ ବର୍ଷ ସ୍କୁଲର ୭୯ ଜଣ ଛାତ୍ରୀ ମାଟ୍ରିକ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ଏ-୧ରେ ୨ ଜଣ, ଏ-୨ରେ ୩୧, ବି-୧ରେ ୪୧ ଜଣ ଓ ବି-୨ରେ ୫ ଜଣ ଛାତ୍ରୀ ପାସ କରିଛନ୍ତି। ଏନେଇ ବିଦ୍ୟାଳୟର ପ୍ରଧାନଶିକ୍ଷକ ତଥା ଅଧ୍ୟକ୍ଷ ସୁକାନ୍ତ କୁମାର ସ୍ୱାଇଁ ଓ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଛାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହାସହ ଡେପୁଟି ଜିଲପାଳ (ଜରୁରୀକାଳିନ) ତଥା ଜିଲା ମଙ୍ଗଳ ଅଧିକାରୀ ମୌସୁମୀ ନାୟକ ବିଦ୍ୟାଳୟର ଶତପ୍ରତିଶତ ସଫଳତା ପାଇଁ ସମସ୍ତ ଛାତ୍ରୀ ଓ ଶିକ୍ଷୟିତ୍ରୀ ଶିକ୍ଷକ ମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ଖାତିଗୁଡ଼ାର ୨ ଘରୋଇ ସ୍କୁଲର ଫଳାଫଳ ଶତ ପ୍ରତିଶତ

ତେନ୍ତୁଲିଖୁଣ୍ଟି, (ଡି.ଏନ୍.ଏ.): ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକ ଖାତିଗୁଡାସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ଓ ସରସ୍ୱତୀ ଶିଶୁ ମନ୍ଦିରର ଫଳାଫଳ ଶତ ପ୍ରତିଶତ ରହିଛି। ଅରବିନ୍ଦ ସ୍କୁଲର ୫୦ ଜଣ ପରୀକ୍ଷା ଦେଇଥିବା ବେଳେ ଏ-୧ରେ ୨, ଏ-୨ରେ ୩୪, ବି-୧ରେ ୧୩ ଓ ବି-୨ରେ ୧ ଜଣ ଉତ୍ତୀର୍ଣ ହୋଇଛନ୍ତି। ସେହିଭଳି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୩୬ ଜଣ ପରୀକ୍ଷା ଦେଇଥିବା ବେଳେ ଏ-୧ରେ ୩, ଏ-୨ରେ ୧୪, ବି-୧ରେ ୧୫ ଓ ବି-୨ରେ ୪ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ସାର୍ଥକ ଷଡ଼ଙ୍ଗୀ ୯୫.୩୩% ଓ ସୁମିତ ଗ୍ରହଚାର୍ଯ୍ୟ ୯୧.୩୩% ନମ୍ବର ରଖିଛନ୍ତି। ଉଭୟ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସଫଳତା ପାଇଁ ଅଭିଭାବକ ତଥା ଖାତିଗୁଡାବାସୀ ସ୍କୁଲର ଗୁରୁଜୀ ଗୁରୁମା ଅପା ଓ ଭାଇଙ୍କୁ କୃତଜ୍ଞତା ଜଣାଇଛନ୍ତି।

### ଚନ୍ଦାହାଣ୍ଡିରେ ୮୯୯ରୁ ୮୮୬ ପିଲା ପାସ୍

ଚନ୍ଦାହାଣ୍ଡି, (ଡି.ଏନ୍.ଏ.): ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକରେ ୧୯ଟି ହାଇସ୍କୁଲର ମାଟ୍ରିକ୍ ପରୀକ୍ଷା ଦେଇଥିବା ୮୯୯ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୮୮୬ ଜଣ ପାସ କରିଥିବା ନୋଡାଲ କେନ୍ଦ୍ର ଅଧିକାରୀ ଶରତ କୁମାର ମାଝି ସୂଚନା ଦେଇଛନ୍ତି। ୧୯ଟି ହାଇସ୍କୁଲ ମଧ୍ୟରୁ ୧୩ଟି ହାଇସ୍କୁଲର ପରୀକ୍ଷା ଫଳ ଶତ ପ୍ରତିଶତ। ସେମାନେ ହେଲେ ସରକାରୀ ନୂତନ ପାନାବେଡା ହାଇସ୍କୁଲ, ଉନ୍ନିତ ଉଚ୍ଚ ବିଦ୍ୟାଳୟ ପୂଜାରୀଗୁଡା, ଉନ୍ନିତ ଉଚ୍ଚ ବିଦ୍ୟାଳୟ ବେହେରାମୁଣ୍ଡା,ଉନିତ ଉଚ୍ଚ ବିଦ୍ୟାଳୟ କୁହୁଡି, ଉନିତ ଉଚ୍ଚ ବିଦ୍ୟାଳୟ ଶରଧାପୁର, ଉନ୍ନିତ ଉଚ୍ଚ ବିଦ୍ୟାଳୟ ଦଳବେଡା, ଏସ୍ଏସ୍ଡି ହାଇସ୍କୁଲ ଦଳବେଡା, ପେଣ୍ଡ୍ରାଣି ହାଇସ୍କୁଲ ଅନକାବେଡା, ବନଦୁର୍ଗା ହାଇସ୍କୁଲ ଦେଓବନ୍ଧ, ଉନ୍ନିତ ଉଚ୍ଚ ବିଦ୍ୟାଳୟ କୋଇଲିମୁଣ୍ଡା, ଖମ୍ବେଶ୍ୱରୀ ହାଇସ୍କୁଲ ଖଇରଭାଡ଼ି, ଜଗନ୍ନାଥ ହାଇସ୍କୁଲ ଗମ୍ଭାରୀଗୁଡା। ସେହିପରି ଜଗନ୍ନାଥ ହାଇସ୍କୁଲ ଗମ୍ଭାରୀଗୁଡାର ଏ-୧ରେ ମୋଟ ୯ ଜଣ ପାସ ହୋଇଥିବାବେଳେ ଉକ୍ତ ବିଦ୍ୟାଳୟ ଛାତ୍ର କୋଦଣ୍ଡ ଜାଲ ମୋଟ ୬୦୦ ରୁ ୫୭୨ ମାର୍କ ଆଣି ବ୍ଲକରେ ପ୍ରଥମ ହୋଇଛନ୍ତି।

# ଜିଏସ୍ଟି ଚଢ଼ାଉ ବିରୋଧରେ ଆଜି ଉମରକୋଟ ବନ୍ଦ



ବୈଠକରେ ବ୍ୟବସାୟିକ ସଂଘ ସଦସ୍ୟମାନେ।

- ବୈଠକରେ ବ୍ୟବସାୟୀଙ୍କ ନିଷ୍ପତ୍ତି
- ଔଷଧ ଦୋକାନ ବ୍ୟତୀତ ବନ୍ଦ ରହିବ ସମସ୍ତ ବ୍ୟବସାୟିକ ଅନୁଷ୍ଠାନ

ଉମରକୋଟ, ୬।୭(ସ୍ୱ.ପ୍ର.)

ବାଣିଜ୍ୟ କର ଓ ଜିଏସ୍ଟି ବିଭାଗ ଅଧିକାରୀମାନେ ବାରମ୍ବାର ଉମରକୋଟ ଆସି ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ ଉପରେ ଚଢ଼ାଉ କରି ବ୍ୟବସାୟୀଙ୍କୁ ଜରିମାନା କରୁଛନ୍ତି। ଏହାକୁ ନେଇ ଉମରକୋଟ ସହର ବ୍ୟବସାୟୀଙ୍କ ଭିତରେ ଦେଖାଦେଇଛି ଅସନ୍ତୋଷ। ଏହା ବିରୋଧରେ ଗୁରୁବାର ସକାଳ ୬ରୁ ୧୨ ଘଣ୍ଟା ଧରି ଉମରକୋଟ ଓ ଏହାର ଆଖପାଖ ଅଞ୍ଚଳର ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ ରଖିବାକୁ ଉମରକୋଟ ବ୍ୟବସାୟିକ ସଂଘ ପକ୍ଷରୁ ଆୟୋଜିତ ବୈଠକରେ ନିଷ୍ପତ୍ତି ନିଆଯାଇଛି।

ଉମରକୋଟରେ ଜିଏସ୍ଟି ବିଭାଗର ଅତର୍କିତ ଚଢ଼ାଉକୁ ନେଇ ତୀବ୍ର ପ୍ରତିବାଦ କରାଯାଇଥିଲା। ରାଜ୍ୟର ଅନ୍ୟ ସହରରେ ଏପରି ଚଢ଼ାଉ ହେଉ ନ ଥିବାବେଳେ ଉମରକୋଟରେ କାହିଁକି ଘନଘନ ଚଢ଼ାଉ କରାଯାଉଛି ବୋଲି ବ୍ୟବସାୟୀମାନେ ପ୍ରଶ୍ନ କରିଛନ୍ତି। କରୋନା ଯୋଗୁ ୨ବର୍ଷ ହେବ ବ୍ୟବସାୟୀଙ୍କ ଆର୍ଥିକସ୍ଥିତି ଖରାପ ଅଛି। ବର୍ଷେ ହେଲା ସେମାନେ ବ୍ୟାଙ୍କ ଓ ଲୋକଙ୍କଠାରୁ ହାତ ଉଧାରି ଆଣି ବହୁ କଷ୍ଟରେ ପୁଣି ପୂର୍ବସ୍ଥିତି ଫେରାଇ ଆଣିବାକୁ ଚେଷ୍ଟା କରୁଛନ୍ତି। ଏପରି ସ୍ଥଳେ ଏହି ଚଢ଼ାଉ କରି ବ୍ୟବସାୟିକ ପ୍ରତିଷ୍ଠାନର ସୁନାମ ନଷ୍ଟ ହେବା ସହ ଅଧିକାରୀଙ୍କ ଦ୍ୱାରା କଟାଯାଇଥିବା ଜରିମାନା ଦୋକାନରେ ଥିବା ସବୁ ଷ୍ଟକ୍ଠାରୁ ମଧ୍ୟ ଅଧିକା ହେଉଛି ବୋଲି ବ୍ୟବସାୟୀମାନେ ଅଭିଯୋଗ କରିଛନ୍ତି। ଏହି ୧୨ ଘଣ୍ଟିଆ ବନ୍ଦରେ ଔଷଧ ଦୋକାନକୁ ବାଦ ଦେଇ ଅନ୍ୟ ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ ରହିବ। ଗୁରୁବାର ସମସ୍ତ ବ୍ୟବସାୟୀଙ୍କୁ ନେଇ ସକାଳ ୧୦ଟାରେ ସ୍ଥାନୀୟ ଧର୍ମଶଳାରେ ଆଉ ଏକ ବୈଠକ କରାଯିବ। ସେଠାରୁ ଏକ ଶୋଭାଯାତ୍ରାରେ ବାହାରି ଉମରକୋଟ ତହସିଲ କାର୍ଯ୍ୟାଳୟ ଓ ଥାନାକୁ ଯାଇ ଜିଏସ୍ଟି କମିଶନର, ନବରଙ୍ଗପୁର ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଦିଆଯିବ ବୋଲି ବୈଠକରେ ନିଷ୍ପତି ନିଆଯାଇଛି। ଏହି ଚଢ଼ାଉ ଆଗାମୀ ଦିନରେ ବନ୍ଦ ନ ହେଲେ ଉମରକୋଟ ବ୍ୟବସାୟୀମାନେ ଆନ୍ଦୋଳନକୁ ତୀବ୍ରତର କରିବା ସହ ରାସ୍ତାକୁ ଓହ୍ଲାଇବେ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ବ୍ୟବସାୟିକ ସଂଘର ଆଇନ ଉପଦେଷ୍ଟା ପ୍ରଶାନ୍ତ ସାହୁ, ସଭାପତି ଦ୍ୱାରିକା ନାଥ ପାଣିଗ୍ରାହୀ, ସମ୍ପାଦକ ଲକ୍ଷ୍ମଣ ଅଗ୍ରୱାଲଙ୍କ ସମେତ ଶତାଧିକ ବ୍ୟବସାୟୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ସଂରକ୍ଷିତ ଆରକ୍ଷୀ କାର୍ଯ୍ୟାଳୟରେ ବନ ମହୋତ୍ସବ ପାଳିତ

ମାଲକାନଗିରି,୬।୭ (ଡି.ଏନ.ଏ.): ମାଲକାନଗିରି ଜିଲା ସଦର ମହକୁମା ଏମ୍ଭି-୩ସ୍ଥିତ ନୂତନ ସଂରକ୍ଷିତ ଆରକ୍ଷୀ କାର୍ଯ୍ୟାଳୟରେ ବୁଧବାର ବନ ମହୋତ୍ସବ ପାଳିତ ହୋଇଛି। ଏଥିରେ ମାଲକାନଗିରି ଜିଲାପାଳ ବିଶାଳ ସିଂ ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ରୂପେ ଏସ୍ପି ନିତେଶ ୱାଧୱାନି ଏବଂ ଜିଲା ବନ ଖଣ୍ଡୀୟ ଅଧିକାରୀ ପ୍ରତାପ କତ୍ତାପାଲି, ବିଏସ୍ଏଫ୍ର କମାଣ୍ଡାଣ୍ଟ ଯୋଗ ଦେଇଥିଲେ। ଏହି ଅବସରରେ କାର୍ଯ୍ୟାଳୟ ମଧ୍ୟରେ ଚାରାରୋପଣ କରିବା ସହ ସମସ୍ତେ ଏହାର ଯତ୍ନ ନେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଶେଷରେ ସମସ୍ତେ ଜଙ୍ଗଲ ସୁରକ୍ଷା ଓ ବୃକ୍ଷ ରୋପଣ କରି ପରିବେଶକୁ ସୁସ୍ଥ କରିବା ପାଇଁ ଶପଥ ନେଇଥିଲେ। ବିଏସ୍ଏଫ୍ର ବହୁ ଅଧିକାରୀ ଓ ଯବାନଙ୍କ ସମେତ ପୋଲିସ କର୍ମୀ ଓ ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ।

### ସ୍ୱାଭିମାନ ଅଞ୍ଚଳ ଚାଷୀଙ୍କୁ ହରଡ଼ କିଟ

ଚିତ୍ରକୋଣ୍ଡା, ୬।୭(ଡି.ଏନ.ଏ.): କନକ ବାଇଓ ସାଇନ୍ସ ଆଣ୍ଡ ରିସର୍ଚ୍ଚ ପ୍ରାଇଭେଟ ଲିମିଟେଡ୍ ପକ୍ଷରୁ ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳର ପାପରମେଟେଲା ପଞ୍ଚାୟତ ଜନ୍ତାପାଇଠାରେ ଖରିଫ ଚାଷ ନେଇ ଚାଷୀଙ୍କୁ ହରଡ କିଟ୍ ବଣ୍ଟନ କରାଯାଇଛି। ହରଡ଼ର ଚାହିଦା, ଆବଶ୍ୟକତା, ଉତ୍ପାଦନ ଏବଂ ଚାଷୀଙ୍କ ଜୀବନ ଜୀବିକାରେ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। କାର୍ଯ୍ୟକ୍ରମରେ ଅନୁଷ୍ଠାନର ଚନ୍ଦ୍ରଶେଖର ରାଉତରାୟ, ମେଘନାଦ ନନ୍ଦ, ରାଜଦୀପ ସାମନ୍ତରାୟ,ଏଓ ଶିଶିର ସାହୁ, ସନ୍ତୋଷ ବେହେରା, କୃଷ୍ଣଚନ୍ଦ୍ର ବାରିକ, ସୁଶାନ୍ତ ପ୍ରଧାନ, ଚନ୍ଦନ ସାହ, ଅଶିନୀ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

### ପର୍ଶୁରାମ ଭବନ, ବୈଦିକ ବିଦ୍ୟାପୀଠ ଉଦ୍ଘାଟନ

ଜୟପୁର,୬।୭ (ନି.ପ୍ର.): କୋରାପୁଟ ଜିଲା ବ୍ରାହ୍ମଣ ସମାଜର ପର୍ଶୁରାମ ଭବନ ଏବଂ ବୈଦିକ ବିଦ୍ୟାପୀଠ ବୁଧବାର ଉଦଘାଟିତ ହୋଇଛି। ଜୟପୁର ଦ୍ୱିତୀୟ ଦୈନିକ ବଜାର ନିକଟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ରାହ୍ମଣ ସମାଜର କୁଳପତି ବୈଦ୍ୟନାଥ ମିଶ୍ର, କାର୍ଯ୍ୟକାରୀ ସଭାପତି ଉପେନ୍ଦ୍ର ନାଥ ମିଶ୍ର, ସମ୍ପାଦକ ପ୍ରମୋଥ ନାଥ ମିଶ୍ର ଉଦ୍ଘାଟନ କରିଥିଲେ। ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦ, ନରସିଂହ ପ୍ରସାଦ ମିଶ୍ର, ଚନ୍ଦ୍ରଶେଖର ରଥ, ଶରତ ଚନ୍ଦ୍ର ଖଡ଼ଗରାଇ, ରମେଶ ଚନ୍ଦ୍ର ତ୍ରିପାଠୀ, ବାବୁଭାଇ ବଜରଙ୍ଗୀ, ବୁନୁ ରଥ, ରାଧାନାଥ ଭଞ୍ଜ, ଗଣେଶ ପାଢ଼ୀ, ଭବାନୀ ଆଚାର୍ଯ୍ୟ, ପୁରୁଷୋତ୍ତମ ନନ୍ଦ, କିଶୋର ପଣ୍ଡା, ବିଜୟ ଭଞ୍ଜ ପ୍ରମୁଖ ଉପସ୍ଥିତ ଥିଲେ।

### ଅବକାରୀ ଚଢ଼ାଉ, ଜଣେ ଗିରଫ

ଜୟପୁର, ୬।୭ (ନି.ପ୍ର.): ଦେଶୀ ମଦ ଚୋରାଚାଲାଣ ବେଳେ ଜୟପୁର ଅବକାରୀ ବିଭାଗ ଚଢାଉ ଜଣକୁ ଗିରଫ କରିଛି। ତାଙ୍କଠାରୁ ୧୯ ଲିଟର ମଦ ଜବତ ହୋଇଛି। ଗିରଫ ଅଭିଯୁକ୍ତ ହେଲେ ଜୟପୁର ସଦର ଥାନା ଅନ୍ତର୍ଗତ ବି. ମାଳିଗୁଡାର ପ୍ରଭାତ ସାହୁ। ଚଢାଉରେ ଅବକାରୀ ନିରୀକ୍ଷକ ଦୁର୍ବାଦଳ ବିଶ୍ୱାଳ, ଓଆଇସି ସଞ୍ଜୟ ତାଣ୍ଡି, ଏଏସ୍ଆଇ ଏମ. ଲକ୍ଷ୍ମଣ ରାଓ, ମାଧବେଶ ମାରାଣ୍ଡି ସାମିଲ ହୋଇଥିଲେ।

# କଳା, ପାରଦର୍ଶିତା ଦେଖାଇଲେ ୨୫ ସାଂସ୍କୃତିକ ଦଳ



ଚୟନକର୍ତ୍ତାଙ୍କ ସହ କାର୍ଯ୍ୟକ୍ରମରେ ଭାଗ ନେଇଥିବା ଏକ ସାଂସ୍କୃତି ଦଳ।

ନବରଙ୍ଗପୁର, ୬।୭ (ବି.ପ୍ର.)

**ଜିଲାସ୍ତରୀୟ ସାଂସ୍କୃତିକ ଦଳ ଚୟନ**

ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ୍ରମେ ଜିଲା ସଂସ୍କୃତି ପରିଷଦ ପକ୍ଷରୁ ସ୍ଥାନୀୟ ଶାସ୍ତ୍ରୀ ଭବନରେ ସାଂସ୍କୃତିକ ଦଳ ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ୱେବ୍ ପୋର୍ଟାଲ୍(CTMS) ବିକାଶ କରାଯାଇ ଅନ୍ ଲାଇନ୍ ମାଧ୍ୟମରେ ଜିଲାର ବିଭିନ୍ନ ସାଂସ୍କୃତିକ ଦଳକୁ ପଞ୍ଜିକରଣ କରିବା ପାଇଁ ଆହ୍ୱାନ କରାଯାଇଥିଲା। ନବରଙ୍ଗପୁର ଜିଲାର ୩୩ଟି ସାଂସ୍କୃତିକ ଦଳ ଏଥିରେ ପଞ୍ଜିକରଣ କରିଥିଲେ। ସେଥିମଧ୍ୟରୁ ୨୫ଟି ଦଳ ଚୟନ କାର୍ଯ୍ୟକ୍ରମରେ ଭାଗନେଇ ନିଜ କଳାର ପାରଦର୍ଶିତା ପ୍ରଦର୍ଶନ କରିଥିଲେ। ସ୍ଥାନୀୟ ଶାସ୍ତ୍ରୀ ଭବନରେ ଦୁଇ ଦିନ ଧରି ଜିଲା ସଂସ୍କୃତି ପରିଷଦ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭ ଉଦ୍ଘାଟନ କରିଥିଲେ। ଜିଲା ସଂସ୍କୃତି ଅଧିକାରୀ ଘାଷିଆ ହରିଜନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ କରାଯାଇଥିଲା। ସାଂସ୍କୃତିକ ଦଳ ଚୟନର ବିଚାରପତି ଭାବେ ନାଟ୍ୟ ଗୁରୁ ନରସିଂହ ତ୍ରିପାଠୀ, କଳାକାର ଦେବଦାସ ମହାକୁଡ, ଅଧ୍ୟାପିକା ଡକ୍ଟର ସଂଯୁକ୍ତ ପଣ୍ଡା, ଫାଲଗୁନୀ ପାତ୍ର, ଯୁଗଳ ତ୍ରିପାଠୀ, ମନୋରମା ମାଝି, ପ୍ରେମଚାନ୍ଦ ପଟ୍ଟନାୟକ, ଜ୍ୟୋତି ପରିଛା ପ୍ରମୁଖ ଯୋଗଦେଇ ସାଂସ୍କୃତିକ ଦଳ ଚୟନରେ ସହଯୋଗ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ସଂସ୍କୃତି ପରିଷଦର ଶ୍ୟାମସୁନ୍ଦର ପୁଜାରୀ, ଏ. ସନ୍ତୋଷ, ଜିଲା ସୁଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର ରାଜେନ୍ଦ୍ର ମାଝି, ନୀଳକଣ୍ଠ ନାୟକ ପ୍ରମୁଖ ସହଯୋଗ କରିଥିଲେ।



ଉମରକୋଟରେ ଜଗନ୍ନାଥଙ୍କ ନୃସିଂହ ଅବତାର।

## ପାଣିରେ ବୁଡି ଜଣେ ମୃତ

ଡାବୁଗାଁ, ୬।୭ (ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ ପୂଜାରୀଗୁଡା ଗ୍ରାମରେ ବୁଧବାର ମଧ୍ୟାହ୍ନରେ ପାଣିରେ ବୁଡି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଡାବୁଗାଁ ଥାନା ଅଧୀନ ପୂଜାରୀଗୁଡା ଗ୍ରାମର ଖେଜା ପୂଜାରୀ (୪୮)। ଗାଁ ପାଖ ଜମିରେ କାମ ସାରି ନଦୀରେ ଗାଧୋଉଥିବା ବେଳେ ତାଙ୍କ ଗୋଡ ଖସି ଯାଇଥିଲା। ସେ ପାଣିରେ ବୁଡିଯାଇଥିଲେ। ଏହି ସମୟରେ ନଦୀ ପାଖରେ ଥିବା ଜମିରେ କାମ କରୁଥିବା ଅନ୍ୟ ଲୋକେ ଏହା ଦେଖି ତାଙ୍କୁ ଉଦ୍ଧାର କରିବାକୁ ଯାଇଥିଲେ। ଉଦ୍ଧାର କରିବା ବେଳକୁ ତାଙ୍କର ମୃତ୍ୟୁ ହୋଇଯାଇଥିବା ପୋଲିସ ସୂଚନା ଦେଇଛି। ଏହାକୁ ନେଇ ମୃତକଙ୍କ ଭାଇ ଅଭି ପୂଜାରୀ ଡାବୁଗାଁ ଥାନାରେ ଏତଲା ଦେଇଥିଲେ। ଉକ୍ତ ଏତଲାକୁ ଭିତ୍ତି କରି ଥାନା ଏଏସଆଇ ଶିଶିର କୁମାର ଘୋଷ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲେ। ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଥାନାରେ କେସ ନଂ ୧୭/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

## ଶ୍ୟାମାପ୍ରସାଦଙ୍କ ଜୟନ୍ତୀ ପାଳିତ

ଉମରକୋଟ ୬।୭(ସ୍ୱ.ପ୍ର.)

ଜନ ସଂଘର ପ୍ରତିଷ୍ଠାତା ତଥା ରାଷ୍ଟ୍ରବାଦୀ ନେତା ସ୍ୱର୍ଗତ ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଜନ୍ମ ଦିବସ ଉମରକୋଟ ଭାଜପା ପକ୍ଷରୁ ବୁଧବାର ପାଳନ କରାଯାଇଛି। ଉମରକୋଟ ଭାଜପା କାର୍ଯ୍ୟାଳୟରେ ସୁରେଶ କୁମାର ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ୱର୍ଗତ ମୁଖାର୍ଜୀଙ୍କ ପଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଛି। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରମେଶ ସାହୁ ଏବଂ ଜିଲା ସାଧାରଣ ସମ୍ପାଦକ ଅଶୋକ ପାଢୀ ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ସ୍ମୃତିଚାରଣ କରିଥିଲେ। ପ୍ରଦୀପ ମିଶ୍ର, ନୃସିଂହନାଥ ସାହୁ ସାଂଗଠନିକ ଆଲୋଚନା କରିଥିଲେ। ଉମରକୋଟ ଭାଜପା ପ୍ରମୁଖ କାର୍ଯ୍ୟକର୍ତ୍ତା ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ଓଡ଼ିଶା ସାହିତ୍ୟ ଏକାଡେମୀର ସ୍ୱନକ୍ଷତ୍ର ଉପଲକ୍ଷେ ପ୍ରତିଯୋଗିତା



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

ନବରଙ୍ଗପୁର, ୬।୭(ବି.ପ୍ର.)

ନବରଙ୍ଗପୁର ଜିଲା ସଂସ୍କୃତି ପରିଷଦ ପକ୍ଷରୁ ବୁଧବାର ଓଡ଼ିଶା ସାହିତ୍ୟ ଏକାଡେମୀ ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ସ୍ଥାନୀୟ ରାଜା ଚୈତନ୍ୟ ଦେବ ଉଚ୍ଚ ବିଦ୍ୟାଳୟରେ ସ୍କୁଲ ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏବଂ କୃତି ପ୍ରତିଯୋଗୀଙ୍କୁ ଟ୍ରଫି, ମାନପତ୍ର ପ୍ରଦାନ କରାଯାଇଥିଲା। ଜିଲ୍ଲା ସଂସ୍କୃତି ପରିଷଦ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧକାରୀ ହଳଧର ନିଆଲ ମୁଖ୍ୟ ଅତିଥି, ମଡେଲ ଡ଼ିଗ୍ରୀ କଲେଜ ଅଧ୍ୟାପକ ରାଜୀବ ଜାଲ୍, ବରିଷ୍ଠ ଆଇନଜୀବୀ ରାମ ପ୍ରସାଦ ପାତ୍ର, ଅଧ୍ୟାପିକା ସ୍ୱପ୍ନା ମହାନ୍ତି, ଶିକ୍ଷୟିତ୍ରୀ ପ୍ରଭାସିନୀ ମହାନ୍ତି, ଜାନଭି ପଣ୍ଡା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଜେମାମଣି ବିଷୋୟୀ ସମ୍ମାନିତ ଅତିଥି ଭାବେ ଯୋଗେଦେଇ ଦିବସ ପାଳନର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଅତିଥିମାନେ କୃତି ପ୍ରତିଯୋଗୀଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରିଛନ୍ତି। ଏହି ସବୁ କାର୍ଯ୍ୟକ୍ରମକୁ ଜିଲା ସଂସ୍କୃତି ଅଧିକାରୀ ଘାଷିଆ ହରିଜନ ପରିଚାଳନା କରିଥିଲେ। ଅବସରପ୍ରାପ୍ତ ପ୍ରାଧାପକ ଡକ୍ଟର ବିଜୟ କୁମାର ମିଶ୍ର, କବି ବିଜୟ କୁମାର ଚୌଧୁରୀ, ଲେଖକ ନାରାୟଣ ପଣ୍ଡା ପ୍ରମୁଖ ବିଚାରକ ଦାୟିତ୍ୱ ତୁଲାଇଛନ୍ତି। ଜିଲା ସଂସ୍କୃତି ପରିଷଦ ପରିଚାରକ ଶ୍ୟାମ ସୁନ୍ଦର ପୁଚାରୀ, ଜିଲ୍ଲା ସୂଚନା ଲୋକ ସମ୍ପର୍କ କାର୍ଯ୍ୟାଳୟର ରାଜେନ୍ଦ୍ର ମାଝି, ନୀଳକଣ୍ଠ ନାୟକ, ଏ ସନ୍ତୋଷ କୁମାର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ପୁରୁଷୋତ୍ତମ ପୂଜାରୀ ଉମରକୋଟ ଲ୍ୟାମ୍ପ୍ସ ସଭାପତି

ଉମରକୋଟ, ୬।୭(ସ୍ୱ.ପ୍ର.)

ଉମରକୋଟ ବିଜେଡି ସମର୍ଥିତ ପ୍ରାର୍ଥୀ ତଥା ବୁର୍ଜା ପଞ୍ଚାୟତ ବିଜେଡି ସଭାପତି ପୁରୁଷୋତ୍ତମ ପୂଜାରୀ ଉମରକୋଟ ଲ୍ୟାମ୍ପ୍ସ ସଭାପତି ଭାବରେ ନିଦ୍ୱନ୍ଦ୍ୱରେ ବିଜୟୀ ହେଇଛନ୍ତି। ବୁଧବାର ସଭାପତି ପଦବୀ ସକାଶେ ନାମାଙ୍କନ ପତ୍ର ଦାଖଲ କରାଯାଇଛି। କିନ୍ତୁ ପୁରୁଷୋତ୍ତମ ଜଣେ ହିଁ ନାମାଙ୍କନ ପତ୍ର ଦାଖଲ କରିଥିଲେ। ଉମରକୋଟ ଲ୍ୟାମ୍ପ୍ସ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ନାମାଙ୍କନ ପତ୍ର ଦାଖଲ ସମୟରେ ବରିଷ୍ଠ ବିଜେଡ଼ି ନେତା ପ୍ରମୋଦ କୁମାର ପାଢ଼ି, ବ୍ଲକ ବିଜେଡି ସଭାପତି ମନୋଜ କୁମାର ଧଳ ଓ ଅଜିତ କୁମାର ପ୍ରଧାନ, ଦେବୀ ସିଂ ମାଝି, ସରପଞ୍ଚ ସଂଘ ସଭାପତି ଜଗଦୀଶ ଗଣ୍ଡ, ବୀର ସିଂ ମାଝି, କୈଳାସ ନାୟକ, ଫୁଲଚାନ୍ଦ ଗଣ୍ଡ, ଶ୍ୟାମଲାଲ ବଞ୍ଜାରା, ଶରତ ବେହେରା, ଦିବାକର ସିଲ୍, ହିରଲାଲ ମାଝି ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶ ଯେ, ଉମରକୋଟ ଲ୍ୟାମ୍ପ୍ସରେ ୧୫ଟି ନିର୍ଦ୍ଦେଶକ ପଦବୀ ଥିବାବେଳେ ବିଜେଡି ସମର୍ଥିତ ୧୪ ଜଣ ନିର୍ଦ୍ଦେଶକ ନିଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ଜଣେ ପ୍ରତିଦ୍ୱନ୍ଦ୍ୱିତା କରି ବିଜୟୀ ହୋଇଥିଲେ। ପୁରୁଷୋତ୍ତମ ନାମାଙ୍କନ ଦାଖଲ କରିବା ପୂର୍ବରୁ ଏମ୍ପିଙ୍କ ପ୍ରତିନିଧିଙ୍କ ଉମରକୋଟସ୍ଥିତ ବାସଭବନରେ ଏକ ବୈଠକ କରାଯାଇ ପୁରୁଷୋତ୍ତମଙ୍କ ନାମ ବଛାଯାଇଥିଲା। ଏହି ସମୟ ରେ ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି ମଧ୍ୟ ଉପସ୍ଥିତ ଥିଲେ। ନବରଙ୍ଗପୁର ଜିଲା ବିଜେଡି ସଭାପତି ତଥା ଏମ୍ପି ରମେଶ ଚନ୍ଦ୍ର ମାଝିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ ନିର୍ବାଚନ କାର୍ଯ୍ୟ ସଫଳତାର ସହ ସମ୍ପନ୍ନ ହେଇଛି।



ସମର୍ଥକଙ୍କ ସହ ଉମରକୋଟ ଲ୍ୟାମ୍ପ୍ସ ନବନିର୍ବାଚିତ ସଭାପତି।

# ଯୋଜନାକୁ ଲୋକଙ୍କ ପାଖରେ ପହଞ୍ଚାଇବାକୁ ଅଧିକାରୀଙ୍କୁ ପରାମର୍ଶ

ନବରଙ୍ଗପୁର, ୬।୭ (ବି.ପ୍ର.)

କେନ୍ଦ୍ର ସଂଖ୍ୟା ଲଘୁ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଜୋନ୍ ବାର୍ଲା ନବରଙ୍ଗପୁର ଜିଲା ଗସ୍ତରେ ଆସି ଜିଲା ପ୍ରଶାସନ ପକ୍ଷରୁ ମିଶନ ଶକ୍ତି ସଭାଗୃହରେ ଅନୁଷ୍ଠିତ ଜିଲାସ୍ତରୀୟ ଉନ୍ନୟନ କାର୍ଯ୍ୟର ସମୀକ୍ଷା ବୈଠକରେ ଯୋଗଦେଇଛନ୍ତି। କେନ୍ଦ୍ର ସରକାରଙ୍କ ବିଭିନ୍ନ ଉନ୍ନୟନ ମୂଳକ ଯୋଜନା ଓ କାର୍ଯ୍ୟର ସମୀକ୍ଷା କରିଥିଲେ।

ଜିଲାପାଳ ଡକ୍ଟର କମଳ ଲୋଚନ ମିଶ୍ର କେନ୍ଦ୍ର ମନ୍ତ୍ରୀଙ୍କୁ ସମୀକ୍ଷା ବୈଠକରେ ସ୍ୱାଗତ ଜଣାଇ ଥିଲେ। ନବରଙ୍ଗପୁର ଜିଲାର ଉନ୍ନତି ଓ ବିକାଶ ପାଇଁ ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ସମ୍ପର୍କରେ କେନ୍ଦ୍ରମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ଏଥିରେ ସ୍ୱାସ୍ଥ୍ୟ ସେବା, ପାନୀୟଜଳ, ଶିକ୍ଷା ବ୍ୟବସ୍ଥା, କୃଷି ଓ ଉଦ୍ୟାନ କୃଷି, ବେସାମରିକ ଯୋଗାଣ ବ୍ୟବସ୍ଥା, କୃଷକଙ୍କ ପାଇଁ ଆବଶ୍ୟକ ଉଠା ଜଳସେଚନର ସୁବିଧା, ପ୍ରାଣୀ ଚିକିତ୍ସା, ଏମ୍ଜିଏନ୍ଆର୍ଇଜିଏସ୍ ଯୋଜନା ସମ୍ପର୍କରେ କେନ୍ଦ୍ର ମନ୍ତ୍ରୀ ସମୀକ୍ଷା କରିଥିଲେ। କେନ୍ଦ୍ର ସରକାରଙ୍କ ଜନ କଲ୍ୟାଣ ଯୋଜନା କିପରି ଲୋକଙ୍କ ପାଖରେ ପହଞ୍ଚିବ ସେଥିପ୍ରତି ଅଧିକ ଯତ୍ନବାନ୍ ହେବା ପାଇଁ ଜିଲାସ୍ତରୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଏହି ସମୀକ୍ଷା ବୈଠକରେ ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ନବରଙ୍ଗପୁରର ପୂର୍ବତନ ଏମ୍ପି ବଳଭଦ୍ର ମାଝି, ଅତିରିକ୍ତ ଜିଲାପାଳ ଭାସ୍କର ରଇତ, ଡିଆର୍ଡିଏ ପିଡି ରତ୍ନାକର ସାହୁ, ଆଇଟିଡିଏ ପିଏ ଅଭିମନ୍ୟୁ ମାଝି, ସିଡିଏମ୍ଓ ଡକ୍ଟର କାଳୀ ପ୍ରସାଦ ବେହେରାଙ୍କ ସମେତ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

**ଉନ୍ନୟନ କାର୍ଯ୍ୟ ସମୀକ୍ଷା କଲେ କେନ୍ଦ୍ରମନ୍ତ୍ରୀ**



ବୈଠକରେ କେନ୍ଦ୍ରମନ୍ତ୍ରୀ, ପ୍ରଶାସନିକ ଅଧିକାରୀ ଓ ଲୋକପ୍ରତିନିଧିମାନେ।

## ସଂକ୍ଷେପରେ

### କୁନ୍ଦୁରା: ଜ୍ୟୋତିର୍ମାଳା ବ୍ଲକ ଟପ୍ପର



କୁନ୍ଦୁରା,୬।୭(ଡି.ଏନ.ଏ.): ପ୍ରକାଶିତ ମାଟ୍ରିକ ପରୀକ୍ଷାରେ କୋରାପୁଟ ଜିଲା କୁନ୍ଦୁରା ବ୍ଲକରେ ଦିଗାପୁର, ଲିମା ଆବସିକ ବିଦ୍ୟାଳୟର ପରୀକ୍ଷା ଫଳ ଶତ ପ୍ରତିଶତ ହୋଇଛି। ଗୁଣ୍ଡାଳ ସରକାରୀ ଉଚ୍ଚ ବିଦ୍ୟାଳୟର ପରୀକ୍ଷା ଫଳ ୫୩ ପ୍ରତିଶତ ହୋଇଥିବା ଜଣା ପଡିଛି। ଜୋତିର୍ମାଳା ମିଶ୍ର ବ୍ଲକରେ ଟପ୍ପର ହୋଇଛନ୍ତି। କୁନ୍ଦୁରାସ୍ଥିତ ଶ୍ରୀଅରବିନ୍ଦ ଶିକ୍ଷା ନିକେତନରେ ୧୨୨ ଜଣ ମଧ୍ୟରୁ ୧୧୭ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ଖଟଲାପଦର ଉଚ୍ଚ ବିଦ୍ୟାଳୟରେ ୭୫ ଜଣଙ୍କ ମଧ୍ୟରୁ ୭୧, ଜନ୍ତାପୁଟ ଉଚ୍ଚ ବିଦ୍ୟାଳୟର ୭୧ ଜଣଙ୍କ ମଧ୍ୟରୁ ୭୦, ରାଣୀଗୁଡା ଉଚ୍ଚ ବିଦ୍ୟାଳୟରେ ୪୨ ଜଣଙ୍କ ମଧ୍ୟରୁ ୪୧,ଆସନା ଉଚ୍ଚ ବିଦ୍ୟାଳୟରେ ୬୫ ଜଣଙ୍କ ମଧ୍ୟରୁ ୫୯, କଳାପ ଉଚ୍ଚ ବିଦ୍ୟାଳୟରେ ୬୩ ଜଣଙ୍କ ମଧ୍ୟରୁ ୬୧ ଜଣ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି କେରିମିଟି ଉଚ୍ଚ ବିଦ୍ୟାଳୟରେ ୪୧ ଜଣଙ୍କ ମଧ୍ୟରୁ ୩୯ ଜଣ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ଗୁଣ୍ଡାଳ ଉଚ୍ଚ ବିଦ୍ୟାଳୟର ୧୫ ଜଣଙ୍କ ମଧ୍ୟରୁ ୮, ଲାଛନାଗୁଡା ଉଚ୍ଚ ବିଦ୍ୟାଳୟରେ ୯୦ ଜଣଙ୍କ ମଧ୍ୟରୁ ୮୯, ଡଙ୍ଗରପାଉଁଶି ଅନନ୍ତ ବିଦ୍ୟାପୀଠରେ ୧୪୮ ଜଣଙ୍କ ମଧ୍ୟରୁ ୧୪୮, ବାଗଦେରି ଶ୍ରୀ ଜଗନ୍ନାଥ ବିଦ୍ୟା ପୀଠରେ ୬୨ ଜଣଙ୍କ ମଧ୍ୟରୁ ୫୮, ସରକାରୀ ଅବାସିକ ବିଦ୍ୟାଳୟ କାଉଡିଆ ଗୁଡାରେ ୭୨ ଜଣଙ୍କ ମଧ୍ୟରୁ ୭୧, ଲିମା ଆବାସିକ ବିଦ୍ୟାଳୟରେ ୯୭ ଜଣଙ୍କ ମଧ୍ୟରୁ ୯୭ ଏବଂ ଦିଗାପୁର ଆବାସିକ ବିଦ୍ୟାଳୟରେ ୧୩୬ ଜଣଙ୍କ ମଧ୍ୟରୁ ୧୩୬ ଜଣ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଥିବା ଜଣାପଡିଛି। ଏଥିମଧ୍ୟରୁ ଦିଗାପୁର ଆଦିବାସୀ ଉନ୍ନୟନ ବିଭାଗ ଆବାସିକ ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରୀ ଜ୍ୟୋତିର୍ମାଳା ମିଶ୍ର ୬୦୦ ରୁ ୫୫୬ ମାର୍କ ରଖି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ସେ ବ୍ଲକ ଟପ୍ପର ହୋଇଛନ୍ତି। ତାଙ୍କ ସଫଳତା ପାଇଁ ଓଷ୍ଟାର ପୂର୍ବତନ ଉପ ସଭାପତି ରାମକୃଷ୍ଣ ସାବତ,କୋରାପୁଟ ଜିଲା ଶିକ୍ଷକ ସଂଘ ସଭାପତି ତ୍ରିନାଥ ହରିଜନ,ଶିକ୍ଷାବିତ ପଞ୍ଚାନନ ଗୌଡ,ବିଜୁ ପଟ୍ଟନାୟକ ମହାବିଦ୍ୟାଳୟ ଅଧକ୍ଷ ହୃଦୟ ରଞ୍ଜନ ପଣ୍ଡା ପ୍ରମୁଖ ଶୁଭେଚ୍ଛା ଜଣାଉଛନ୍ତି। ତାଙ୍କର ଏହି ସଫଳତା ପାଇଁ ଜ୍ୟୋତିର୍ମାଳା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ, ଶ୍ରେଣୀ ଶିକ୍ଷକ ରବୀନ୍ଦ୍ର ଭଞ୍ଜ ଏବଂ ପରିବାର ବର୍ଗଙ୍କୁ ଶ୍ରେୟ ଦେଇଛନ୍ତି।

### ଜୁଆ ଆଡ୍ଡାରେ ଚଢ଼ାଉ, ୬ ଗିରଫ



ଜୟପୁର, ୬।୭ (ନି.ପ୍ର.): ଜୟପୁର ସହରର ଗୋଡିଆ ଧୋବାସାହିରେ ବୁଧବାର ଜୁଆଆଡ୍ଡା ଚାଲୁଥିବା ବେଳେ ଟାଉନ ଥାନା ପୋଲିସ ଚଢାଉ କରିଛି । ଏଥିରେ ସମ୍ପୃକ୍ତ ୬ ଜଣଙ୍କୁ ଗିରଫ କରାଯାଇଛି। ଜୁଆ ଖେଳୁଥିବା ଜଣେ ମହିଳା ଫେରାର ହୋଇଯାଇଛନ୍ତି। ଗିରଫ ଜୁଆଡିଙ୍କଠାରୁ ୭ ହଜାର ୩ ଶହ ୧୦ ଟଙ୍କା ଜବତ ହୋଇଛି। ପରେ ସେମାନଙ୍କୁ ୪୧ ଧାରା ନୋଟିସରେ ଛଡାଯାଇଥିବା ଟାଉନ ଥାନା ଅଧିକାରୀ ସଞ୍ଜୟ ମଣ୍ଡଳ କହିଛନ୍ତି ।

### କାଳିମେଳାରେ ବନ ମହୋତ୍ସବ

କାଳିମେଳା,୬।୭(ଡି.ଏନ.ଏ.): ମାଲକାନଗିରି ଜିଲା କାଳିମେଳା ବନାଞ୍ଚଳ କାର୍ଯ୍ୟାଳୟରେ ବନ ବିଭାଗ ପକ୍ଷରୁ ୭୩ତମ ବନ ମହୋତ୍ସବ ପାଳିତ ହୋଇଯାଇଛି କାଳିମେଳା ପଞ୍ଚାୟତ ଅନ୍ତର୍ଗତ ଆଦିବାସୀ କଲୋନୀ ଗାଁ ନିକଟବର୍ତ୍ତୀ ସଂରକ୍ଷିତ ଜଙ୍ଗଲ ନର୍ସରୀ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ହୋଇଥିଲା । ବନାଞ୍ଚଳ ଅଧିକାରୀ ସୁଶାନ୍ତ ଦଲେଇଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ସୁସିନୀ ସୋଡ଼ି ମୁଖ୍ୟ ଅତିଥି, ବିଡିଓ ଉମା ଶଙ୍କର ଦଲାଇ, ତହସିଲଦାର ଦୁର୍ଗା ପ୍ରସାଦ ଦୋରା, ଥାନା ଅଧିକାରୀ ଭବାନୀ ସାହୁ, ପୂର୍ବତନ ବିଧାୟକ ମୁକୁନ୍ଦ ସୋଡ଼ି, ସମାଜିକ କର୍ମୀ ଦୁର୍ଯ୍ୟୋଧନ ପାତ୍ର ସମ୍ମାନିତ ଅତିଥି ରୂପେ ଉପସ୍ଥିତ ରହି ବୃକ୍ଷ ସହିତ ପରିବେଶ ମଧରେ ରହିଥିବା ତାତ୍ପର୍ଯ୍ୟକୁ ବୁଝାଇଥିଲେ। ଏହି ଅବସରରେ ବହୁ ଉପାଦେୟ, ଚାରା ରୋପଣ କରାଯାଇଥିଲା । ବନପାଳ ସ୍ୱୟଂପ୍ରଭା ପ୍ରଧାନ, ଶିବାନନ୍ଦ ଲେଙ୍କା, ପବିତ୍ର ଦାସ, ମହମ୍ମଦ ଅଲ୍ଲି ଖାନଙ୍କ ଶହ ସମସ୍ତ ପାରା କର୍ମଚାରୀ ବନ ସୁରକ୍ଷା ସଭାପତି ଏବଂ ସଦସ୍ୟମାନେ ଉପସ୍ଥିତ ଥିଲେ।

# ଜୟପୁର ନୋଡାଲରେ ପାସ୍ ହାର ୯୬.୯ ପ୍ରତିଶତ

## ପ୍ରକାଶ ପାଇଲା ମାଟ୍ରିକ୍ ଫଳାଫଳ

ଜୟପୁର,୬।୭(ନି.ପ୍ର.)

ବୁଧବାର ପ୍ରକାଶ ପାଇଛି ଚଳିତ ବର୍ଷର ମାଟ୍ରିକ୍ ପରୀକ୍ଷା ଫଳ । ଚଳିତ ବର୍ଷ ୯୦.୫୫% ଛାତ୍ରୀଛାତ୍ର ମାଟ୍ରିକ୍ ପାସ୍ କରିଥିବା ବେଳେ ଏଥର ମଧ ଛାତ୍ରଙ୍କୁ ପଛରେ ପକାଇଛନ୍ତି ଛାତ୍ରୀ । ଜୟପୁର ନୋଡାଲ ସେଣ୍ଟରରେ ମୋଟ ୩୨ଟି ବିଦ୍ୟାଳୟ ରହିଥିବା ବେଳେ ସେଥିରେ ପାସ ହାର ୯୬.୯ ରହିଛି। ନୋଡାଲ ସେକ୍ଟରମାନଙ୍କ ମଧ୍ୟରେ ଆମ୍ବାଗୁଡା ବିଦ୍ୟାଳୟରେ ମୋଟ ୧୦୨ ଜଣ ପରିକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ସେଥିରୁ ୧୦୦ ଜଣ ପରିକ୍ଷାର୍ଥୀ ପାସ କରିଛନ୍ତି। ବାଳିକା ଉଚ୍ଚବିଦ୍ୟାଳୟ ଜୟପୁରରେ ୨୧୬ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ସେଥିରୁ ୨୦୦ ଜଣ ପାସ ହୋଇଛନ୍ତି। ଜୟପୁର ସରକାରୀ ବାଳିକା ଉଚ୍ଚବିଦ୍ୟାଳୟରେ ମୋଟ ୧୬୯ ଜଣ ପରୀକ୍ଷା ଦେଇଥିବା ବେଳେ ସେଥି ମଧ୍ୟରୁ ୧୬୭ ଜଣ ପାସ ହୋଇଛନ୍ତି। ପୌର ଉଚ୍ଚ ବିଦ୍ୟାଳୟରେ ୪୨ ପରୀକ୍ଷାର୍ଥୀ ପରୀକ୍ଷା ଦେଇ ୪୧ ଜଣ ପାସ ହୋଇଛନ୍ତି। ପୌର ଉଚ୍ଚବିଦ୍ୟାଳୟ-୨ରେ ୨୧ ଜଣ ପରୀକ୍ଷା ଦେଇଥିବା ବେଳେ ସେଥିରୁ ୨୦ଜଣ ପାସ୍ ହୋଇଛନ୍ତି। ପୌର ଉଚ୍ଚବିଦ୍ୟାଳୟ-୩ରେ ୪୧ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୩୯ ଜଣ ପାସ କରିଛନ୍ତି। ଅନ୍ତା ଉଚ୍ଚବିଦ୍ୟାଳୟରେ ୨୭ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୭, ପୁଜାରିପୁଟ ଉଚ୍ଚବିଦ୍ୟାଳୟରେ ୬୪ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୬୩, ସିଟି ଉଚ୍ଚବିଦ୍ୟାଳୟରେ ୮୦, ପାତ୍ରପୁଟ ଉଚ୍ଚବିଦ୍ୟାଳୟରେ ୪୯ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୪୮, ଜେଇଏଲସି ଉଚ୍ଚବିଦ୍ୟାଳୟରେ ୬୭ ପରିକ୍ଷାର୍ଥୀଙ୍କ ମଧ୍ୟରୁ ୬୫ ଜଣ ପାସ କରିଛନ୍ତି। ସେହିପରି ଉପରକୋଲାବ ଯୋଜନା ଉଚ୍ଚବିଦ୍ୟାଳୟରେ ୫୭ ଜଣ ପରୀକ୍ଷା ଦେଇଥିବା ବେଳେ ସେଥିରୁ ୫୪ ଜଣ, ଶାରଦାବିହାର ସରସ୍ୱତୀ ଶିଶୁବିଦ୍ୟାମନ୍ଦିରରେ ୧୭୪ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୭୪ ଜଣ, ଅରବିନ୍ଦ ଉଚ୍ଚବିଦ୍ୟାଳୟରେ ୨୯ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୯ , ଜୟନ୍ତଗିରି ଉଚ୍ଚବିଦ୍ୟାଳୟରେ ୯୮ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୯୪, ଗଡପଦର ଉଚ୍ଚବିଦ୍ୟାଳୟରେ ୨୭ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୬, ଡିମଳା ଉଚ୍ଚବିଦ୍ୟାଳୟରେ ୫୭ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୫୩ ପରୀକ୍ଷାର୍ଥୀ ପାସ କରିଛନ୍ତି। ହାଟକଙ୍ଗା ଉଚ୍ଚବିଦ୍ୟାଳୟରେ ୫୧ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ସେଥିରୁ ୪୯ ପାସ ହୋଇଛନ୍ତି । ଧନପୁର ଉଚ୍ଚ ବିଦ୍ୟାଳୟରେ ୩୫ ପରୀକ୍ଷାର୍ଥୀ ପରୀକ୍ଷାଙ୍କ ମଧ୍ୟରୁ ୩୩, କାଳିଆ ଗାଁ ଉଚ୍ଚବିଦ୍ୟାଳୟରେ ୪୧ ପରିକ୍ଷାର୍ଥୀଙ୍କ ମଧ୍ୟରୁ ୪୦, ଫାମୁଣି ଉଚ୍ଚବିଦ୍ୟାଳୟରେ ୮୮ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୮୬, ବାରିଣିପୁଟ ଉଚ୍ଚବିଦ୍ୟାଳୟରେ ୪୭ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୪୪, ହରଡାପୁଟ ଉଚ୍ଚବିଦ୍ୟାଳୟରେ ୬୪ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୬୨ ପରିକ୍ଷାର୍ଥୀ ପାସ୍ କରିଛନ୍ତି। ସେହିପରି ରଣ୍ଡାପାଲି ଉଚ୍ଚବିଦ୍ୟାଳୟରେ ୫୩ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୫୧ ପରୀକ୍ଷାର୍ଥୀ ପାସ କରିଥିବା ବେଳେ ଉମୁରି ଉଚ୍ଚବିଦ୍ୟାଳୟରେ ୪୩ ପରିକ୍ଷାର୍ଥୀଙ୍କ ମଧ୍ୟରୁ ୪୩, ଏକମ୍ବା ଉଚ୍ଚବିଦ୍ୟାଳୟରେ ୬୨ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୬୨, ବାମୁଣିପୁଟ ଉଚ୍ଚବିଦ୍ୟାଳୟରେ ୧୧୬ ପରିକ୍ଷାର୍ଥୀଙ୍କ ମଧ୍ୟରୁ ୧୧୨, ଦୋରାଗୁଡା ଉଚ୍ଚବିଦ୍ୟାଳୟରେ ୩୩ ପରୀକ୍ଷାର୍ଥୀ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୩୨, ମୁଜୁରୁଗୁଡା ଉଚ୍ଚବିଦ୍ୟାଳୟରେ ୩୨ ପରିକ୍ଷାର୍ଥୀଙ୍କ ମଧ୍ୟରୁ ୩୧, ବାଲି ପୁଜାରିପୁଟ ଉଚ୍ଚବିଦ୍ୟାଳୟରେ ୪୩ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ସେଥିରୁ ୪୩, ହାଡିଆ ଉଚ୍ଚବିଦ୍ୟାଳୟରେ ୩୩ ପରୀକ୍ଷାର୍ଥୀ ପରୀକ୍ଷାଙ୍କର୍ଥୀଙ୍କ ୩୩, ସଲପା ଉଚ୍ଚବିଦ୍ୟାଳୟରେ ୪୬ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ସେଥିରୁ ୪୦ ପରିକ୍ଷାର୍ଥୀ ପାସ୍ କରିଛନ୍ତି। ମୋଟ ୨୧୦୭ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୨୦୪୧ ଛାତ୍ରୀଛାତ୍ର ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି।

# କୋରାପୁଟ ଜିଲାରେ ମାଟ୍ରିକ ପରୀକ୍ଷାର ପାସହାର ୯୦.୪୧ ପ୍ରତିଶତ

## ୫୮୮ ମାର୍କ ରଖି ସରୋଜ ଜିଲା ଟପ୍ପର



ସରୋଜ , ଶୁଭଶ୍ରୀ ଏବଂ ଶ୍ରୀୟା ନାୟକ

କୋରାପୁଟ,୬।୭(ସ୍ୱ.ପ୍ର.)

ବୁଧବାର ପ୍ରକାଶ ପାଇଥିବା ମାଟ୍ରିକ ପରୀକ୍ଷା ଫଳାଫଳ କୋରାପୁଟ ଜିଲାରେ ୯୦.୪୧ ପ୍ରତିଶତ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଥିବା ଜିଲା ଶିକ୍ଷା ଅଧିକାରୀ ରାମଚନ୍ଦ୍ର ନାହାକ ସୂଚନା ଦେଇଛନ୍ତି। ପାସ୍ ହୋଇଥିବା ମୋଟ ୧୪, ୬୬୫ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ଗ୍ରେଡ ଏ-୧ରେ ୩୦ ଜଣ, ଏ-୨ ଗ୍ରେଡରେ ୪୪୮ ଜଣ, ବି-୧ ଗ୍ରେଡରେ ୨୩୧୯ ଜଣ, ବି-୨ ଗ୍ରେଡରେ ୩,୬୮୮ ଜଣ, ସି ଗ୍ରେଡରେ ୪,୯୧୦ ଜଣ, ଡି-ଗ୍ରେଡରେ ୨,୬୧୪ ଜଣ ଏବଂ ଇ-ଗ୍ରେଡରେ ୫୫୭ ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଥିବାବେଳେ ଜିଲାରେ ୨୭୭ ଜଣ ଛାତ୍ରୀଛାତ୍ର ଫେଲ ହୋଇଥିବା ଜିଲା ଶିକ୍ଷା ଅଧିକାରୀ ନାହାକ କହିଛନ୍ତି। ଜିଲାର ବୋରିଗୁମ୍ମା ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ସରୋଜ କୁମାର ଗୋପି ୫୮୮ ନମ୍ବର ମାର୍କ ରଖି କୋରାପୁଟ ଜିଲା ଟପ୍ପର ହୋଇଥିବାବେଳେ ଜୟପୁର ସରସ୍ୱତୀ ବିଦ୍ୟା ମନ୍ଦିରର ଛାତ୍ରୀ ଶ୍ରୀୟା ନାୟକ ୫୮୪ ମାର୍କ ରଖି ଜିଲାରେ ଦ୍ୱିତୀୟ ଟପ୍ପର ହୋଇଥିବା ଜଣାଯାଇଛି । କୋରାପୁଟ ସହରର ଥିବା ସ୍ଥାନୀୟ ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ରୀଛାତ୍ରମାନେ ପରୀକ୍ଷାରେ ଭଲ ପ୍ରଦର୍ଶନ କରିଥିବାବେଳେ ବିଦ୍ୟାଳୟର ୪ ଜଣ ଛାତ୍ରୀଛାତ୍ର ଏ-୧ ଗ୍ରେଡରେ ପାସ କରିଛନ୍ତି। ଏହି ବିଦ୍ୟାଳୟର ଏ-୨ରେ ୧୧ ଜଣ, ବି-୧ରେ ୩୧ ଜଣ, ବି-୨ରେ ୨୫ ଜଣ, ସି-୧୬ରେ ଜଣ ଓ ଡି-ଗ୍ରେଡରେ ୨ ଜଣ ଉତ୍ତୀର୍ଣ୍ଣ ହୋଇଥିବା ଜଣାଯାଇଛି। ସେଥିମଧ୍ୟରେ ବିଦ୍ୟାଳୟର ଛାତ୍ରୀ ଶୁଭଶ୍ରୀ ପାଣିଗ୍ରାହୀ ସମୁଦାୟ ୬୦୦ ମାର୍କରୁ ୫୭୫ ମାର୍କ ଅର୍ଥାତ ୯୫.୮୩ ପ୍ରତିଶତ ମାର୍କ ରଖି ବିଦ୍ୟାଳୟର ଟପ୍ପର ତଥା ଜିଲାର ତୃତୀୟ ଟପ୍ପର ହୋଇଥିବା ବିଦ୍ୟାଳୟ ପକ୍ଷରୁ ସୂଚନା ମିଳିଛି ।

# ମାଟ୍ରିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ ଦିବ୍ୟାଙ୍ଗ ଛାତ୍ର

## ଦୃଢ ଇଚ୍ଛାଶକ୍ତି ବିଶ୍ୱଜିତଙ୍କୁ ଦେଲା ସଫଳତା

ମାଲକାନଗିରି/କୁଡୁମୁଲୁଗୁମ୍ମା, ୬।୭ (ଡି.ଏନ.ଏ.)



ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଶ୍ୱଜିତ୍‌ଙ୍କୁ ଘରେ ସମ୍ମାନିତ କରାଯାଉଛି ।

ଦୃଢ ଇଚ୍ଛାଶକ୍ତି ଯୋଗୁ ସବୁ ଅସମ୍ଭବକୁ ସମ୍ଭବ କରିହୁଏ। ଏହାକୁ ସାର୍ଥକ କରି ଦେଖାଇଛନ୍ତି ମାଲକାନଗିରି ଜିଲା କୁଡୁମୁଲୁଗୁମମାର ଦିବ୍ୟାଙ୍ଗ ଛାତ୍ର ବିଶ୍ୱଜିତ୍ ସାହୁ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପରିଚାଳିତ ଚଳିତ ବର୍ଷ ଅନୁଷ୍ଠିତ ମାଟ୍ରିକ ପରୀକ୍ଷାରେ ସେ କୃତୀତ୍ୱର ସହ ପାସ୍ କରି ଅନ୍ୟମାନଙ୍କ ପାଇଁ ପାଲଟିଛନ୍ତି ଉଦାହରଣ। ବ୍ଲକ ଶିକ୍ଷା ଅଧିକାରୀ, ଓ ନିଜ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଯୋଗୁ ସେ ଏହି ସଫଳତା ପାଇଥିବା କହିଛନ୍ତି ବିଶ୍ୱଜିତ୍। ସମ୍ପୂର୍ଣ୍ଣ ଶାରିରିକ ଓ ଅର୍ଦ୍ଧ ମାନସିକ ଭିନ୍ନକ୍ଷମ ହୋଇଥିବାରୁ ବିଶ୍ୱଜିତ୍ ନିଜେ ବିଦ୍ୟାଳୟ ଯାଇ ଶିକ୍ଷା ଗ୍ରହଣ କରିବା ସମ୍ଭବ ହେଉ ନ ଥିଲା। ବ୍ଲକ ଶିକ୍ଷା ଅଧିକାରୀ ଗାୟତ୍ରୀ ଦେବୀ, ସରକାରୀ ନୋଡାଲ୍ ଉଚ୍ଚ ବିଦ୍ୟାଳୟ ଶିକ୍ଷୟିତ୍ରୀ ଶିକ୍ଷକ, ଅନେକ ଅଭିଭାବକଙ୍କ ପ୍ରଚେଷ୍ଟା ଏବଂ ପରିଚାଳନା କମିଟି କର୍ମକର୍ତ୍ତାଙ୍କ ସହଯୋଗରେ ସେ ଶିକ୍ଷା ଗ୍ରହଣ କରି ଆଜି ଦଶମ ଶ୍ରେଣୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ତାଙ୍କର ଏହି ସଫଳତା ପାଇଁ ବୁଧବାର ବିଶ୍ୱଜିତଙ୍କ ଘରେ, ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସହକାରୀ ବ୍ଲକ ଶିକ୍ଷା ଅଧିକାରୀ ହେମନ୍ତ ନାୟକ, ପ୍ରଧାନ ଶିକ୍ଷକ ଦିଲ୍ଲୀପ ଗଣ୍ଡ, ସିଆରସିସି ଅଜୟ ପୃଷ୍ଟି, ଶିକ୍ଷକ ସଂଘ ସମ୍ପାଦକ ବଳରାମ ପୂଜାରୀ, ଅନନ୍ତ ଦୋରା ପ୍ରମୁଖ ପହଞ୍ଚି ତାଙ୍କୁ ଫୁଲତୋଡା ଓ ଉପହାର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଆଗକୁ ଆହୁରି ପଢିବା ସହ ଭବିଷ୍ୟତରେ ଜଣେ ଭଲ ମଣିଷ ହୋଇ ମା'ବାପାଙ୍କ ସ୍ୱପ୍ନ ପୂରଣ କରିବା ତାଙ୍କ ଇଛା ବୋଲି ବିଶ୍ୱଜିତ୍ କହିଛନ୍ତି।

### ବୃକ୍ଷ ଆମ ରକ୍ଷାକବଚ

ଏମ୍‌ଭି ୭୯,୬।୭(ଡି.ଏନ.ଏ.)

ଆଜି ପୃଥିବୀରେ ବଢୁଥିବା ତାପମାତ୍ରା ଏବଂ ପ୍ରତିକୂଳ ପରିବେଶ ପାଇଁ ବୃକ୍ଷରୋପଣ ହିଁ ଏକମାତ୍ର ବିକଳ୍ପ। ଏହା ଜୀବଜଗତ ପାଇଁ ମଙ୍ଗଳମୟ ହେବ। ଏହାକୁ ଦୃଷ୍ଟିରେ ରଖି ବୁଧବାର ମାଲକାନଗିରି ଜିଲା କାଲିମେଳା ବ୍ଲକ ଏମଭି-୭୯ସ୍ଥିତ ଡ. ଶ୍ୟାମା ପ୍ରସାଦ କନିଷ୍ଠ ମହାବିଦ୍ୟାଳୟରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ଏଥିରେ ବନବିଭାଗର ବନପାଳ ରଶ୍ମିରଞ୍ଜନ ସ୍ୱାଇଁ ଅଧକ୍ଷତା କରିଥିଲେ। ସେ ବୃକ୍ଷ ରୋପଣର ଉପକାରିତା ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ବୁଝାଇ ଏହା ହିଁ ଆମର ରକ୍ଷା କବଚ ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରେଞ୍ଜର ରଶ୍ମିରଞ୍ଜନ ସ୍ୱାଇଁ ଯୋଗଦେଇ ବ୍ୟାପକ ପରିମାଣରେ ଚାରାରୋପଣ କରି ତାହାର ଯତ୍ନ ନେବାକୁ ପରାମର୍ଶ ଦେଇଥିଲେ। ପରେ ମହାବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ରମାନେ ବିଭିନ୍ନ କିସମର ଚାରାରୋପଣ କରିଥିଲେ। ଫରେଷ୍ଟର ଦୀପଙ୍କର ଶିଉଳି, ମୁରଲୀଧର ଅନୁଗୁଳିଆ, ସମୀର ଜେନା, ସୁମିତ ବିଶ୍ୱାସ, ଟୁକୁନା ବରାଡ଼, ମମତା ବିଶୋଇ,ରିକି ବାରିକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ଚିତ୍ରକୋଣ୍ଡାରେ ୯୦.୫ ପ୍ରତିଶତ

ଚିତ୍ରକୋଣ୍ଡା,୬।୭(ଡି.ଏନ୍.ଏ.)

ଚିତ୍ରକୋଣ୍ଡା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ର ମାଟ୍ରିକ ପରୀକ୍ଷା ଫଳାଫଳରୁ ୧୧୬ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୦୫ ଜଣ ପାସ କରିଛନ୍ତି । ୯୦.୫ ପ୍ରତିଶତ ଫଳ ହୋଇଥିବା ଜଣାପଡିଛି। ବି-୧ରେ-୧୨ଜଣ, ବି୨ରେ୨୯, ସି ଗ୍ରେଡରେ-୫୨, ଡିଗ୍ରେଡରେ-୧୧ ଜଣ ଏବଂ ଇ-ଗ୍ରେଡରେ-ଜଣେ ଉତ୍ତୀର୍ଣ୍ଣ ହୋଇଛନ୍ତି। ୧୧ ଜଣ ଫେଲ ହୋଇଥିବା ପ୍ରଧାନ ଶିକ୍ଷୟତ୍ରୀ ଜାନକୀ ହନ୍ତାଳ ସୂଚନା ଦେଇଛନ୍ତି । ମ ସେହିପରି ଚିତ୍ରକୋଣ୍ଡା ଏସ୍‌ଏସ୍‌ଡି ବିଦ୍ୟାଳୟରେ ପରୀକ୍ଷା ଦେଇଥିବା ୮୭ ଜଣଙ୍କ ମଧ୍ୟରୁ ୮୫ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ବି-୧ରେ ୪ ଜଣ, ବି-୨ରେ ୩୯ ସି ଗ୍ରେଡରେ-୩୬ ଜଣ,ଡି ଗ୍ରେଡରେ ୯ ଜଣ ଉତ୍ତୀର୍ଣ୍ଣ ହୋଇଥିବା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ତ୍ରିପାଠୀ ସୂଚନା ଦେଇଛନ୍ତି ।

# ବିଭିନ୍ନ ଯୋଜନାର ଅଗ୍ରଗତି ସମୀକ୍ଷା କଲେ କେନ୍ଦ୍ରମନ୍ତ୍ରୀ

- ମାଥିଲିସ୍ଥିତ ଲକ୍ଷ୍ମଣ ନାୟକଙ୍କ ଶହୀଦ ସ୍ତୁପରେ ମାଲ୍ୟାର୍ପଣ କଲେ
- ମହାବିଦ୍ୟାଳୟରେ ଆୟୋଜିତ ରକ୍ତଦାନ ଶିବିରକୁ ଉଦ୍‌ଘାଟନ କଲେ

ମାଲକାନଗିରିରି,୬।୭ (ଡି.ଏନ୍.ଏ.)



କେନ୍ଦ୍ରମନ୍ତ୍ରୀ ଜନ ବାର୍ଲା ସମୀକ୍ଷା ବୈଠକରେ ଅଧିକାରୀମାନଙ୍କ ସହ ଆଲୋଚନା କରୁଛନ୍ତି ।

କେନ୍ଦ୍ର ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ ଜନ ବାର୍ଲା ବୁଧବାର ଦିନିକିଆ ମାଲକାନଗିରି ଜିଲା ଗସ୍ତରେ ଆସି ପ୍ରଥମେ ମାଥିଲି ଥାନା ପରିସରରେ ଥିବା ଶହୀଦ ଲକ୍ଷ୍ମଣ ନାୟକଙ୍କ ଶହୀଦ ସ୍ତୁପରେ ମାଲ୍ୟାର୍ପଣ ପରେ ମାଥିଲି ଉତ୍କଳମଣି ଗୋପବନ୍ଧୁ ମହାବିଦ୍ୟାଳୟ ପରିସରରେ ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ୧୨୧ତମ ଜନ୍ମ ଦିବସ ଉପଲକ୍ଷେ ଆୟୋଜିତ ରକ୍ତଦାନ ଶିବିରକୁ ଉଦ୍‌ଘାଟନ କରିଥିଲେ। ପରେ ସେ ମାଲକାନଗିରି ଆସି ସଂସ୍କୃତି ଭବନଠାରେ ଦଳୀୟ କର୍ମୀ ଓ କର୍ମକର୍ତ୍ତାଙ୍କ ସହ ଏକ ବୈଠକରେ ଯୋଗ ଦେଇଥିଲେ। ଅପରାହ୍ଣରେ ମାଲକାନଗିରି ସଦର ମହକମା ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଆୟୋଜିତ ସମୀକ୍ଷା ବୈଠକରେ ଯୋଗଦେଇ କେନ୍ଦ୍ର ସରକାରଙ୍କ ଦ୍ୱାରା ଭାରତମାଳା ପ୍ରକଳ୍ପରେ ଚାଲିଥିବା ରାସ୍ତା, ପୋଲ ନିର୍ମାଣ, ବିଦ୍ୟୁତ୍, ପାନୀୟ ଜଳ, ସ୍ୱାସ୍ଥ୍ୟ, ଶିକ୍ଷା ଆଦି କାର୍ଯ୍ୟର ଅଗ୍ରଗତି ନେଇ ସମୀକ୍ଷା କରିଥିଲେ। ବୈଠକରେ ମାଲକାନଗିରି ବିଧାୟକ ଆଦିତ୍ୟ ମାଢ଼ି, ଜିଲାପାଳ ବିଶାଳ ସିଂ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ବାଳମୁକୁନ୍ଦ ଭୂୟାଁ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବଳଭଦ୍ର ଦୀପଙ୍କ ସହ ବିଭିନ୍ନ ବିଭାଗର ପଦାଧିକାରୀମାନେ ଉପସ୍ଥିତ ରହି ନିଜ ନିଜ ବିଭାଗର କାର୍ଯ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ମନ୍ତ୍ରୀଙ୍କ ସହ ପୂର୍ବତନ ଏମ୍‌ପି ତଥା ଭାଜପା ରାଜ୍ୟ ଉପସଭାପତି ବଳଭଦ୍ର ମାଝୀ, ପୂର୍ବତନ ଏମ୍‌ପି ପର୍ଶୁରାମ ମାଝୀ, ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ କାଳିରାମ ମାଝୀ, ପ୍ରବକ୍ତା ବିରଞ୍ଚି ନାରାୟଣ ତ୍ରିପାଠୀ, କୁଚିଣ୍ଡା ବିଧାୟକ ତଥା ରାଜ୍ୟ ସାଧାରଣ ସମ୍ପାଦକ ରବି ନାରାୟଣ ନାୟକ, ବାଲିମେଳା ଏନଏସି ଅଧକ୍ଷ ପ୍ରଦୀପ ନାୟକ, ଜିଲା ସମ୍ପାଦକ ମାଣିକଲାଲ ଚକ୍ରବର୍ତ୍ତୀ, ନବଘନ ଲକେଇ, ଯୁବ ମୋର୍ଚ୍ଚା ସଭାପତି ଭବାନୀଶଙ୍କର ମୁଖାର୍ଜୀଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ମାଟ୍ରିକ୍‌ରେ ଦାମନଯୋଡିର ୪ ବିଦ୍ୟାଳୟରେ ଶତ ପ୍ରତିଶତ ଉତ୍ତୀର୍ଣ୍ଣ

ଦାମନଯୋଡି,୬।୭( ଡି.ଏନ.ଏ.)

ବୁଧବାର ପ୍ରକାଶ ପାଇଥିବା ଓଡ଼ିଶା ମାଧ୍ୟମିକ ଶିକ୍ଷା ବୋର୍ଡର ଦଶମ ଶ୍ରେଣୀ ପରୀକ୍ଷା ଫଳ ଦାମନଯୋଡିରେ ଉତ୍ସାହ ଜନକ ହୋଇଛି। ଦାମନଯୋଡି ଶିଳ୍ପାଞ୍ଚଳରେ ଅବସ୍ଥିତ ୫ଟି ବିଦ୍ୟାଳୟ ମଧ୍ୟରୁ ୪ରେ ସମସ୍ତ ଛାତ୍ରୀଛାତ୍ର ପାସ୍ କରିଥିବା ବେଳେ ଗୋଟିଏ ସ୍କୁଲରେ ମାତ୍ର ୨ଜଣଙ୍କୁ ଛାଡ଼ି ସମସ୍ତେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସବୁ ହାଇସ୍କୁଲରେ ଛାତ୍ରୀ ମାନେ ସର୍ବାଧିକ ନମ୍ବର ରଖିଛନ୍ତି। ମାଥାଲପୁଟସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସମସ୍ତ ୩୧ ଜଣ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୪ ଜଣଙ୍କୁ ଏ-୧ ଗ୍ରେଡ ଓ ୭ ଜଣଙ୍କୁ ଏ-୨ ଗ୍ରେଡ ମିଳିଛି। ଛାତ୍ରୀ ଗୁନଗୁନ ଚାନ୍ଦ ସର୍ବାଧିକ ୫୫୮ନମ୍ବର ୯୩ ପ୍ରତିଶତ ରଖିଛନ୍ତି। ସେହିପରି ଛାତ୍ରୀ ଶୁଭଶ୍ରୀ ତ୍ରିପାଠୀ ୯୧ପ୍ରତିଶତ, ଛାତ୍ର ମିଲନ କୁମାର ପାତ୍ର ଓ ଶିବରାମ ହୋତା ଉଭୟେ ୯୦.୭ ପ୍ରତିଶତ ନମ୍ବର ରଖି ବିଦ୍ୟାଳୟ ପାଇଁ ଗୌରବ ଆଣି ଦେଇଛନ୍ତି। ନାଲକୋ ଟାଉନଶିପ ସରସ୍ୱତୀ ବିଦ୍ୟାମନ୍ଦିରର ସମସ୍ତ ୧୪୫ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଥିବା ବେଳେ ଛାତ୍ରୀ ସୁରମା ରାଉତ ସର୍ବାଧିକ ୮୯.୬ ପ୍ରତିଶତ ନମ୍ବର ରଖିଛନ୍ତି । ମାଥାଲପୁଟ ମାଲୁ ସାଉନ୍ତା ସରକାରୀ ନୋଡାଲ ହାଇସ୍କୁଲର ୧୩୪ ପିଲାଙ୍କ ମଧ୍ୟରୁ ୧୩୨ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଛାତ୍ରୀ ଜୟନ୍ତୀ ଚଲାଣ ସର୍ବାଧିକ ୪୬୫ ନମ୍ବର ରଖିଛନ୍ତି । ସେହିପରି ମାଥାଲପୁଟସ୍ଥିତ ଆଲୁମିନା ବାଳିକା ଉଚ୍ଚ ବିଦ୍ୟାଳୟ, ଲିଟିଗୁଡ଼ାର ସମସ୍ତ ୬୬ ଜଣ ଛାତ୍ରୀଛାତ୍ର ପାସ୍ କରିଥିବା ବେଳେ ଛାତ୍ରୀ ଚମ୍ପା ଖିଲ ସର୍ବାଧିକ ୪୪୭ ନମ୍ବର ରଖିଛନ୍ତି। ଭେଜାପୁଟସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ସମସ୍ତ ୪୦ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଛାତ୍ରୀ ଅର୍ପିତା ପଣ୍ଡା ସର୍ବାଧିକ ୫୧୭ ନମ୍ବର ରଖି ବିଦ୍ୟାଳୟ ଟପ୍ପର ହୋଇଛନ୍ତି। ଅନ୍ୟ ୬ ଜଣଙ୍କୁ ମଧ ଏ-୨ ଗ୍ରେଡ ମିଳିଛି।

# ମାଲକାନଗିରି: ୨ ବିଦ୍ୟାଳୟରେ ଫଳାଫଳ ଶୂନ

ମାଲକାନଗିରି, ୬।୭ (ଡି.ଏନ.ଏ.)



ଆୟୁଷ।

ଦଶମ ଶ୍ରେଣୀ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। ମାଲକାନଗିରି ଜିଲାରେ ପାସ ହାର ୮୩.୦୩ ପ୍ରତିଶତ ହୋଇଛି। ୨ଟି ବିଦ୍ୟାଳୟରେ ଫଳାଫଳ ଶୂନ ରହିଛି। ଛାତ୍ର ଆୟୁଷ କୁମାର ଦଳେଇ ଜିଲାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଜିଲାରେ ୧୨୧ଟି ବିଦ୍ୟାଳୟର ୬୫୭୪ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୬୩୯୭ ପାସ୍ କରିଛନ୍ତି। ସେଥିରୁ ୨୦ ଜଣ ଛାତ୍ରୀଛାତ୍ର ଏ-୧ ଗ୍ରେଡରେ ସ୍ଥାନ ପାଇଥିବା ବେଳେ ଏ-୨ ଗ୍ରେଡରେ ୯୫, ବି-୧ ଗ୍ରେଡରେ ୩୪୨, ବି-୨ ଗ୍ରେଡରେ ୧୩୧୧, ସି-ଗ୍ରେଡରେ ୨୪୯୦, ଡି ଗ୍ରେଡରେ ୧୭୪୨, ଇ-ଗ୍ରେଡରେ ୩୯୭, ଏଫ-ଗ୍ରେଡରେ ୧୭୭ ଜଣ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ଛାତ୍ରଙ୍କ ସଂଖ୍ୟା ୩୩୫୮ ଥିବା ବେଳେ ଛାତ୍ରୀଙ୍କ ସଂଖ୍ୟା ୩୦୩୯ ରହିଥିବା ଜଣାପଡିଛି। ତେବେ ଜିଲାରେ ୨ଟି ବିଦ୍ୟାଳୟରେ ପରୀକ୍ଷା ଫଳାଫଳ ଶୂନ ରହିଛି। ସମ୍ପୃକ୍ତ ବିଦ୍ୟାଳୟ ୨ଟି ହେଉଛି ବୁରୁଦି ଉଚ୍ଚ ବିଦ୍ୟାଳୟ ଏବଂ କତାପାଲି ଉଚ୍ଚ ବିଦ୍ୟାଳୟ। ବୁରୁଦି ଉଚ୍ଚ ବିଦ୍ୟାଳୟରେ ଜଣେ ମାତ୍ର ପିଲା ପଢୁଥିବା ବେଳେ ସେ ପରୀକ୍ଷା ଦେଇ ନ ଥିଲେ। ସେହିପରି କତାପାଲି ବିଦ୍ୟାଳୟରେ ପଢୁଥିବା ଜଣେ ପିଲା ପରୀକ୍ଷା ଦେଇ ଫେଲ ହୋଇ ଯାଇଛନ୍ତି। ଜିଲାର ବାଲିମେଳା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପଢୁଥିବା ଛାତ୍ର ଆୟୁଷ କୁମାର ଦଳେଇ ୫୭୨ ନମ୍ବର ରଖି ଜିଲାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ରାଜେଶ କୁମାର ଦାସ ୫୬୯ ନମ୍ବର ରଖି ଜିଲାରେ ଦ୍ୱିତୀୟ ସ୍ଥାନ ପାଇଛନ୍ତି। ଆଗାମୀ ଦିନରେ ଆଇଏସ୍ ହେବାକୁ ଲକ୍ଷ୍ୟ ରଖିଥିବା ଆୟୁଷ କହିଛନ୍ତି।

# ରାସ୍ତା ନିର୍ମାଣ କରି ରକ୍ଷଣାବେକ୍ଷଣ ଭୁଲିଯାଉଛି ବିଭାଗ

- ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ନିର୍ଦ୍ଦେଶକୁ ମାନୁନି ବିଭାଗ
- ଅନୁଦାନ ପାଇଁ ଚିଠି ଲେଖିଛୁ, ଆସିଲେ ମରାମତି ହେବ: ଯନ୍ତ୍ରୀ

କୁନ୍ଦୁରା,୬।୭ (ଡି.ଏନ.ଏ.)



ମରାମତି ହୋଇ ନ ଥିବା ରାସ୍ତା।

କୋରାପୁଟ ଜିଲା କୁନ୍ଦୁରା ବ୍ଲକର ଡଙ୍ଗରପାଉଁଶିଠାରୁ ବେଢାପାଉଁଶି ଏବଂ ଡଙ୍ଗରପାଉଁଶି ଗ୍ରାମ୍ୟ ବ୍ୟାଙ୍କ ଛକଠାରୁ ଜିରାଗୁଡା ପର୍ଯ୍ୟନ୍ତ ନିର୍ମିତ ରାସ୍ତା ଶୋଚନୀୟ ହୋଇପଡିଛି। ଏନେଇ ବାରମ୍ବାର ଅଭିଯୋଗ କଲେ ମଧ ଏହାର ରକ୍ଷଣାବେକ୍ଷଣ କିମ୍ବା ମରାମତି ହେଉନାହିଁ। ଫଳରେ ଏହି ରାସ୍ତାରେ ବିଭିନ୍ନ ସମୟରେ ଛୋଟବଡ ଦୁର୍ଘଟଣା ଘଟୁଛି। ଗ୍ରାମ୍ୟ ଉନ୍ନୟନ ବିଭାଗର ଉକ୍ତ ରାସ୍ତା ମୁଖ୍ୟମନ୍ତ୍ରୀ ସଡକ ଯୋଜନାରେ ହୋଇଥିଲା। ତେବେ ବିଭାଗୀୟ କର୍ତ୍ତୃପକ୍ଷ ଓ ଠିକାଦାରଙ୍କ ସଲାସୁତରା ଯୋଗୁ ୬/୭ କିମି ରାସ୍ତା ଠିକ୍ ରୂପେ ନିର୍ମାଣ କରିବାରେ ବିଭାଗ ବିଫଳ ହୋଇଛି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ରାସ୍ତା ଡଙ୍ଗରପାଉଁଶ,କୁନ୍ଦୁରା ପଞ୍ଚାୟତ ସହ ଭେଜାହାଣ୍ଡି,ବେଢାପାଉଁଶି,ଜିରାଗୁଡାକୁ ସଂଯୋଗ କରୁଛି। ରାସ୍ତା ଉପରେ ଦୁଇଟି ଉଚ୍ଚ ବିଦ୍ୟାଳୟ, ୩ଟି ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସହ ୩ଟି ପଞ୍ଚାୟତର ଗ୍ରାମବାସୀ ନିର୍ଭର କରିଥାନ୍ତି। ଏହି ରାସ୍ତା ସମ୍ପର୍କରେ ଗତ ଦିନରେ ଖବର ପ୍ରକାଶ ପରେ ବିଭାଗ ତତ୍ପରତା ଦେଖାଇ ୫୦୦ ମିଟର ରାସ୍ତା ରକ୍ଷଣାବେକ୍ଷଣ କରି ଚୁପ ହୋଇ ବସିଛି। ଏହି ଖବର ପ୍ରସାରଣ ପରେ ଜଣେ ସାମାଜିକକର୍ମୀ ଏହାକୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଏବଂ ୫-ଟିକୁ ଟୁଇଟ୍ କରିବାରୁ ଏହାକୁ ସମ୍ପୂର୍ଣ୍ଣ ରୂପେ ନିର୍ମାଣ କରିବାକୁ ବିଭାଗୀୟ ସଚିବ, ମୁଖ୍ୟ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ, କୋରାପୁଟ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଦୀର୍ଘ ଦିନ ପରେ ମଧ ବିଭାଗ ଏ ଦିଗରେ କୌଣସି ସନ୍ତୋଷଜନକ ପଦକ୍ଷେପ ଗ୍ରହଣକରିନାହିଁ। ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠଯନ୍ତ୍ରୀ କିଶୋର ସାହୁଙ୍କୁ ପଚାରିବାରୁ ସେ କହିଲେ ଯେ, ଏନେଇ ବିଭାଗକୁ ଚିଠି ଲେଖିଛୁ। ଅନୁଦାନ ଆସିଲେ ରାସ୍ତା ରକ୍ଷଣାବେକ୍ଷଣ କାର୍ଯ୍ୟ ହେବ।

